# ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ବରଗଡ଼

ବିଜ୍ଞପ୍ତି ସଂଖ୍ୟା : 1378 / ତାରିଖ : 23.10.24

ଏତତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ପ୍ରତିପାଳନ ଯତ୍ନ (Foster Care) ବ୍ୟବସ୍ଥା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ପ୍ରଚଳନ କରାଯାଇଅଛି । ଏହି ପ୍ରଚଳିତ ବ୍ୟବସ୍ଥାର ଲକ୍ଷ୍ୟ ହେଲା- ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁମାନଙ୍କୁ ଅସ୍ଥାୟୀ ଭାବରେ ଅଣସମ୍ପର୍କୀୟ ପରିବାର ସହିତ ସ୍ୱଳ୍ପ କିମ୍ବା ଦୀର୍ଘ ସମୟ ପାଇଁ ରଖାଯାଇଥାଏ ଏବଂ ଆବଶ୍ୟକସ୍ଥଳେ ପାରିବାରିକ ପରିସ୍ଥିତି ପରିବର୍ତ୍ତନ ହେଲେ ପୁନଶ୍ଚ ସେମାନଙ୍କୁ ପରିବାର ସହିତ ମିଳିତ ହେବାର ବ୍ୟବସ୍ଥା କରାଯାଇଥାଏ । କିଶୋର ନ୍ୟାୟ ଆଇନ -୨୦୧୫ ଅନ୍ତର୍ଗତ ଧାରା ୪୪ ଓ କିଶୋର ନ୍ୟାୟ ( ଯତ୍ନ ଓ ସୁରକ୍ଷା ) ନିୟମ ୨୦୧୬ ଅନ୍ତର୍ଗତ ଅଧିନିୟମ ୨୩ ଏବଂ ମଡେଲ ଗାଇଡ ଲାଇନ ପ୍ରତିପାଳନ ଯତ୍ନ (Foster Care) ୨୦୨୪ ଏବଂ କିଶୋର ନ୍ୟାୟ ଆଇନ( ଯତ୍ନ ଓ ସୁରକ୍ଷା ) ଓଡ଼ିଶା ନିୟମାବଳୀ ୨୦୧୮ ଅନୁଯାୟୀ ଧାରା ୮୮ର ଅନୁଧାରା ୦୨ ଅନୁଯାୟୀ ଶିଶୁମାନଙ୍କୁ ଥଇଥାନ କରିବା ପାଇଁ ଏହି ବ୍ୟବସ୍ଥା ରହିଅଛି । ଅତିକମରେ ଏକବର୍ଷପାଇଁ ଶିଶୁର ପ୍ରତିପାଳନ ଯତ୍ନ ନିମନ୍ତେ ଇଚ୍ଛୁକ ପିତାମାତା/ସଙ୍ଗଠନମାନେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ବରଗଡ଼ ଫୋନ ନମ୍ବର ୦୬୬୪୬-୨୩୩୪୪୦, ମୋବାଇଲ ନମ୍ବର ୭୯୭୮୮୧୩୨୯୨କୁ ଆବେଦନ କରନ୍ତୁ । ପ୍ରତିପାଳନ ଯତ୍ନରମାନଦଣ୍ଡ ଏବଂ ଆବେଦନ ପତ୍ର https://bargarh.odisha.gov.in ରେ ଉପଲବ୍ଧ ଅଛି ।

ଆଦିତ୍ୟ ଗୋୟଲ

ସ୍ୱା-ଜିଲ୍ଲାପାଳ, ବାରଗଡ଼